ସମୟ

# ଆଇଟିଇଆର୍‌ର ବାର୍ଷିକ ଉତ୍ସବ ଜେନେସିସ୍‌-୧୦ ଉଦ୍‌ଘାଟିତ

## ପ୍ରତିଯୋଗୀ ମନୋଭାବ ହିଁ ସଫଳତାର ଚାବିକାଠି



ଭୁବନେଶ୍ୱର (ସ.ବ୍ୟୁ.) : ପୂର୍ବ ଭାରତର ଅଗ୍ରଣୀ ବୈଷୟିକ ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଆଇଟିଇଆର୍ କଲେଜର ବାର୍ଷିକ ଉତ୍ସବ ଜେନେସିସ୍‌-୧୦ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଜାଗମରାସ୍ଥିତ ନିଜସ୍ୱ କ୍ୟାମ୍ପସ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗୀ ମନୋଭାବ ହିଁ ସଫଳତାର ଚାବିକାଠି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । କଲେଜର ଡିନ୍ ପ୍ରଫେସର କେ.କେ. ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ମାନିତ ଅତିଥି ତଥା ୱିପ୍ରୋର ଅନ୍ତର୍ଜାତୀୟ ମାନବ ସମ୍ବଳ ମୁଖ୍ୟ କାନନ ରାମାୟା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଡିନ୍ ପ୍ରଫେସର ମିଶ୍ର ଅନୁଷ୍ଠାନର ସଫଳତା ବିଷୟରେ ସମ୍ୟକ ଧାରଣା ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ତଥା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗର ଡିନ୍ ପ୍ରଫେସର ଏସ୍.ସି. ମିଶ୍ର ଭବିଷ୍ୟତରେ ନିଜର ବ୍ୟସ୍ତବହୁଳ କାର୍ଯ୍ୟ ମଧ୍ୟରୁ କିଛି ସମୟ ଉଚ୍ଚତର ଶିକ୍ଷା ତଥା ଗବେଷଣାରେ ବିନିଯୋଗ କରିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଭବିଷ୍ୟତରେ ପ୍ରତ୍ୟେକ ଛାତ୍ର କିପରି ଜଣେ ଜଣେ ସୁନାଗରିକ ହେବେ ସେ ଦିଗ ପ୍ରତି ଧ୍ୟାନ ଦେବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ତଥା ୱିପ୍ରୋର ଅନ୍ତର୍ଜାତୀୟ ମାନବ ସମ୍ବଳ ମୁଖ୍ୟ କାନନ ରାମାୟା ତାଙ୍କ ଅଭିଭାଷଣରେ ପିଲାମାନଙ୍କୁ ଧୈର୍ଯ୍ୟଶୀଳ ହେବା ପାଇଁ କହିଥିଲେ । ଆମ ଦେଶର ପିଲାମାନେ ଅନ୍ୟ ଦେଶର ପିଲାମାନଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି ବୋଲି ଉପସ୍ଥିତ ଥିବା ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦେଇଥିଲେ । ଓଡ଼ିଶାରେ ବହୁତ ମେଧାବୀ ଛାତ୍ରଛାତ୍ରୀ ଅଛନ୍ତି ଯେଉଁମାନଙ୍କ ପାଖରେ ଅସୀମ ଧୈର୍ଯ୍ୟ ଏବଂ ଯଥେଷ୍ଟ ପ୍ରତିଭା ରହିଛି । ଏହା ହିଁ କୌଣସି ଏକ ଛାତ୍ରକୁ ତା'ର ଭବିଷ୍ୟତରେ ସଫଳତା ଆଣିବା ପାଇଁ ସହଯୋଗ କରିଥାଏ । ୨୩ ତାରିଖରୁ ଆରମ୍ଭ ହୋଇଥିବା ଟେକ୍ ଫେଷ୍ଟ 'ଚକ୍ରବ୍ୟୁହ'ର ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ମହାବିଦ୍ୟାଳୟର ପ୍ରାୟ ୯୪୦ ଜଣ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଡିନ୍ ପ୍ରଫେସର ମିଶ୍ର ସମ୍ମାନିତ ଅତିଥି କାନନ ରାମାୟାଙ୍କୁ ମେମେଣ୍ଟୋ ପ୍ରଦାନ କରିଥିଲେ । ଅନୁଷ୍ଠାନର ଅତିରିକ୍ତ ଡିନ୍ ପ୍ରଫେସର ଆର୍.କେ. ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ନିର୍ଦ୍ଦେଶକ ଡ. ମାନସ ମଲ୍ଲିକ, ପ୍ରଫେସର ବି.କେ. ସରାପ, ବିଭିନ୍ନ ବିଭାଗର ମୁଖ୍ୟ, ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମନୋରଞ୍ଜନ ନାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଆସନ୍ତା ୨୭ ତାରିଖ ସନ୍ଧ୍ୟାରେ ହେବାକୁ ଉଦ୍‌ଯାପନୀ ଦିବସରେ ସା-ରେ-ଗା-ମା-ପାର ସ୍ୱନାମଧନ୍ୟ ଗାୟକ ଭିନିତ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।